## ସଂକ୍ଷେପରେ

### ସ୍କୁଲ ରାତ୍ର ଜଗୁଆଳିଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୧।୧୨: ଟାଉନ୍ ଥାନା ଅନ୍ତର୍ଗତ ଆସିକା ରୋଡ଼ ତୁଳସୀନଗର ଷଷ୍ଠ ଲାଇନ୍ ସ୍ଥିତ ଏକ ଘରୋଇ ସ୍କୁଲ ପରିସରରୁ ରାତ୍ର ଜଗୁଆଳିଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଶିବରାମ ସାହୁ। ଟାଉନ୍ ଥାନା ପୋଲିସ ନଂ.୧୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଭଡ଼ାଘରେ ଚାଲିଥିବା ଉକ୍ତ ଘରୋଇ ସ୍କୁଲର ଉପର ମହଲାରେ ଶିବରାମ ରହୁଥିଲେ। ଏବେ ସ୍କୁଲ ବନ୍ଦ ଅଛି। ସେଠାରୁ ଦୁର୍ଗନ୍ଧ ଆସୁଥିବା ନେଇ ପଡ଼ୋଶୀ ଲୋକେ ଘର ମାଲିକଙ୍କୁ ଖବର ଦେଇଥିଲେ। ଦୁଇଦିନ ପୂର୍ବରୁ ଶିବରାମଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଚିକିଟିପେଣ୍ଟରେ ରହୁଥିବା ଝିଅ ଚୁନିମା ସାହୁ ବ୍ରହ୍ମପୁର ଆସି ବାପାଙ୍କ ମୃତଦେହ ଚିହ୍ନଟ କରିଛନ୍ତି।

### ଗଞ୍ଜାମରେ ପୁଣି ୫ ଡେଙ୍ଗୁ ପଜିଟିଭ

**ବ୍ରହ୍ମପୁର ଅଫିସ,୧୧।୧୨:** ଗଞ୍ଜାମ ଜିଲାରେ ଡେଙ୍ଗୁ କାୟାବିସ୍ତାର କରିବାରେ ଲାଗିଛି। ବିଶେଷକରି ବ୍ରହ୍ମପୁର ମହାନଗରରେ ଏ ପର୍ଯ୍ୟନ୍ତ ୧୭ ଶିଶୁ ସମେତ ୧୩୮ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇସାରିଲେଣି। ଜିଲାରେ ପୁଣି ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୩୧୨ରେ ପହଞ୍ଚିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ଉମାଶାଙ୍କର ମିଶ୍ର ସୂଚନା ଦେଇଛନ୍ତି। ଶନିବାର ବ୍ରହ୍ମପୁର ମହାନଗରରୁ ୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଛତ୍ରପୁର ଓ ଶେରଗଡ ବ୍ଲକର ଦଶମୁଣ୍ଡଳୀରେ ଜଣେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଡେଙ୍ଗୁ ଆକ୍ରାନ୍ତମାନେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଡେଙ୍ଗୁ ବ୍ୟାପିଥିବା ଅଞ୍ଚଳରେ ମଶା ମରା ତେଲ ସିଞ୍ଚନ କରାଯାଉଥିବା ବେଳେ ମଶା ମରା ଧୂଆଁ ସ୍ପ୍ରେ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଡିଏମଓ ମିଶ୍ର କହିଛନ୍ତି।

### ସିଡିଏସଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ,୧୧।୧୨:** ସିଡିଏସ ବିପିନ ରାୱତ ଓ ତାଙ୍କ ସ୍ତ୍ରୀଙ୍କ ସମେତ ଶହୀଦ ହୋଇଥିବା ୧୩ ଜଣ ଯୋଦ୍ଧାଙ୍କ ନିମନ୍ତେ ଶନିବାର ସିଟି ହାଇସ୍କୁଲ ଓ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏନସିସି କ୍ୟାଡେଟଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୋରଡା ବ୍ଲକ ଶିକ୍ଷାଧିକାରୀ ତଥା ସିଟି ହାଇସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ରଥ ଯୋଗଦେଇ ଶହୀଦ ଜେନେରାଲଙ୍କ ସାହସିକତା ସମ୍ପର୍କରେ ସୂଚନା ଦେଇଥିଲେ। ଏନସିସି ମୁଖ୍ୟ ଅଫିସର ଗୋପାଳକୃଷ୍ଣ ମିଶ୍ର ଓ ସେକେଣ୍ଡ ଅଫିସର ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଏନସିସି କ୍ୟାଡେଟମାନେ ଯୋଗ ଦେଇ ସହିଦଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

### ବିଏମ୍‌ସି ଡେପୁଟି କମିଶନର ହେଲେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳସଚିବ

**ବ୍ରହ୍ମପୁର ଅଫିସ,୧୧।୧୨**-ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ତଥା ବରିଷ୍ଠ ଓଏଏସ ଅଧିକାରୀ ଆଶୁତୋଷ ସାମଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଶନିବାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ.୧୨୮୯୬) ରେ ନିର୍ଦ୍ଦେଶ ଜାରି କରାଯାଇଛି। ଗତ ଅଗଷ୍ଟ ୧ରେ ଖଲ୍ଲିକୋଟ ମହାବିଦ୍ୟାଳୟକୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଥିଲା। ଏହାପରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ଡ଼.ଉତ୍ତମା ଜେନା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳସଚିବ ଭାବେ କିଛି ଦିନ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ମାତ୍ର କିଛି ଦିନ ତଳେ ଏହି ଦାୟିତ୍ୱ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କ ଅତିରିକ୍ତ ସଚିବ ରଂଜନ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିଲା। ଖୁବଶୀଘ୍ର ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର ଭାବେ ବିଏମସି ଡ଼େପୁଟି କମିଶନର ଦାୟିତ୍ୱ ଗ୍ରହଣ କରିବେ।

### ନାଭାଲ ୱିଙ୍ଗ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭଞ୍ଜନଗର,୧୧।୧୨(ଡି.ଏନ.ଏ)-ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ନାଭାଲ ୱିଙ୍ଗ୍ ପକ୍ଷରୁ ହେଲିକପ୍ଟର ଦୁର୍ଘଟଣାରେ ଶହୀଦ ହୋଇଥିବା ସିଡ଼ିଏସ୍ ବିପିନ୍ ରାୱତଙ୍କ ସମେତ ୧୩ଜଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ନାଭାଲ ଅଫିସର ଡ଼.ରବିନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୪୧୧ ମାମଲାର ଆଶୁ ସମାଧାନ

## ଚତୁର୍ଥ ଜାତୀୟ ଲୋକ ଅଦାଲତ

**ବ୍ରହ୍ମପୁର ଅଫିସ,୧୧।୧୨**

ଜିଲା କୋର୍ଟ ପରିସରରେ ଚଳିତବର୍ଷର ଚତୁର୍ଥ ଜାତୀୟ ଲୋକ ଅଦାଲତ ଆୟୋଜିତ ହୋଇ ୪୧୧ଟି ମାମଲାର ଆଶୁ ସମାଧାନ କରାଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ସହଯୋଗରେ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଲୋକ ଅଦାଲତ ହୋଇଥିଲା। ଅଦାଲତରେ ୪ଟି ବେଞ୍ଚ ଜରିଆରେ ଜିଲା ଜଜ୍‌ଙ୍କ ତତ୍ତ୍ୱାବଧାନରେ ୭୮ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ସମାଧାନ କରି କ୍ଷତିପୂରଣ ବାବଦକୁ ବୀମା କମ୍ପାନିଗୁଡ଼ିକୁ ମୋଟ ୩କୋଟି ୩୩ଲକ୍ଷ ୪୮ହଜାର ଟଙ୍କା ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଥିଲା। ୨୨ଟି ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ୪୮ଲକ୍ଷ ୯୫ହଜାର ୮୩୯ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୪୬ଟି ବିବାହ ସମ୍ପର୍କିତ, ୮୯ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ସମାଧାନ କରାଯାଇଛି। ଦ୍ୱିତୀୟ ଏମ୍‌ଏସିଟି ଜଜ୍ ବିକ୍ରମ ପଟ୍ଟନାୟକ, ପରିବାର ଅଦାଲତ ଜଜ୍ ଅଶ୍ୱିନ ଚନ୍ଦ୍ର ନାଇକ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ସ୍ମୃତିମିତ୍ରା ଶର୍ମା, ତୃତୀୟ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର ମକଦ୍ଦମାର ଫଇସଲା କରିଥିଲେ। ରେଜିଷ୍ଟ୍ରାର ଅମେରେଶ ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅଞ୍ଜନା ସ୍ୱାଇଁ ପରିଚାଳନା କରିଥିଲେ। ସରକାରଙ୍କ କୋଭିଡ୍ ନିୟମ ପାଳନ କରି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।


ଜାତୀୟ ଲୋକ ଅଦାଲତ ।

# ବିନାୟକ ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୧୧।୧୨**

ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ଼.ପ୍ରମିଳା ଖାଡ଼ଙ୍ଗା ଅଧକ୍ଷତା କରିଥିଲେ। ଅଧକ୍ଷା କଲେଜ ପରିସରରେ ଥିବା ସ୍ୱର୍ଗତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିନାୟକ ଆଚାର୍ଯ୍ୟଙ୍କ ସ୍ୱାଧୀନତା ସଂଗ୍ରାମ, କାର୍ଯ୍ୟଦକ୍ଷତା ଓ ଜୀବନୀ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କୁ ନିଜ ଆଦର୍ଶ ରୂପେ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼.ମାନ୍ନା ମିଲିଆନଙ୍କ ନେତୃତ୍ୱରେ ଏହି ଅବସାରେ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନଏସଏସ ସଂଯୋଜିକା ଡ଼.ଶୁଭଶ୍ରୀ ଅପରାଜିତା, ମୋ କଲେଜ ସଂଯୋଜିକା ମଧୁସ୍ମିତା ଦାସ, କଲେଜ ପ୍ରଶାସନିକ ଅଧିକାରୀ ଡ଼.ବନଲତା ସାହୁ, ପିଇଟି ଗୌରୀ ଶଙ୍କର ପାତ୍ରଙ୍କ ସମେତ ମହାବିଦ୍ୟାଳୟର ବହୁ ଅଧ୍ୟାପିକା ଅଧ୍ୟାପକ ମାନେ ଉପସ୍ଥିତ ରହିଥିଲେ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିଜୟ ଉତ୍ସବ



ବିଜୟ ଉତ୍ସବରେ ଉପସ୍ଥିତ ମୋର୍ଚ୍ଚାର ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ,୧୧।୧୨**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶନିବାର ପୁରୁଣା ବସଷ୍ଟାଣ୍ଡଠାରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଦୀର୍ଘମିଆଦି, ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଏବଂ ଐତିହାସିକ ମିଳିତ କୃଷକ ଆନ୍ଦୋଳନର ଅସାଧାରଣ ବିଜୟ ବୋଲି ମୋର୍ଚ୍ଚା କହିଛି। ଆନ୍ଦୋଳନକାରୀ ଚାଷୀଙ୍କ ମଧ୍ୟରୁ ୭୧୫ ଜଣଙ୍କ ମୃତ୍ୟୁ ବିନିମୟରେ ଏହି ବିଜୟ ହାସଲ ହୋଇଛି। ଏହି ସଂଘର୍ଷ ଓ ବିଜୟ ଭବିଷ୍ୟତରେ ଦେଶର ଗଣତାନ୍ତ୍ରିକ ଆନ୍ଦୋଳନକୁ ନିଶ୍ଚୟ ପ୍ରଭାବିତ କରିବ। ସଂଯୁକ୍ତ କିଷାନ ମୋର୍ଚ୍ଚା ଏହି ବିଜୟ ପାଇଁ ଦେଶର ସମସ୍ତ ପ୍ରତିବାଦକାରୀ କୃଷକ, କୃଷି ଶ୍ରମିକ ଓ ଆଦିବାସୀଙ୍କୁ କୃତଜ୍ଞତା ଜଣାଇଛି। ଆସନ୍ତା ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ମୋର୍ଚ୍ଚାର ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଅଖିଳ ଭାରତ କୃଷକ ସଭାର ବରିଷ୍ଠ କୃଷକ ନେତା ରାଜୀବ ଲୋଚନ ପଣ୍ଡା, ଓଡିଶା କୃଷକ ସଭାର ପି.ହରେକୃଷ୍ଣ ରେଡ୍ଡି, ପରିବେଶବିତ ପ୍ରଫୁଲ ସାମନ୍ତରାୟ, କ୍ରାନ୍ତିକାରୀ କୃଷକ ସଭାର ପି.ପାର୍ବତୀ, ଋଷିକୁଲ୍ୟା ରୟତ ମହାସଭାର ବିଜୟ ସ୍ୱାଇଁ, ଚାଷୀ ମୂଲିଆ ସଂଘର ନିରାକାର ନାୟକ, ଏଆଇକେକେଏମଏସର ନାରାୟଣ ସାହୁ, ଏଆଇୱାଇଏଫ୍‌ର କାମଦେବ ନାହାକ, ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ସିପିଏମର ଜିଲା ସଂପାଦକ ପ୍ରକାଶ ପାତ୍ର, ଯୁଧିଷ୍ଠିର ବେହେରା, ଏସୟୁସିଆଇ କମ୍ୟୁନିଷ୍ଟର ନିମାଇଁ ଚରଣ ସାହୁଙ୍କ ସମେତ ମୋର୍ଚ୍ଚାର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ଆନ୍ତଃଜିଲା ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର ଅଫିସ,୧୧।୧୨:**

ସହର ଉପକଣ୍ଠ ସିଟି ମହାବିଦ୍ୟାଳୟଠାରେ ରବିବାର ଏନଏସଏସ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଜିଲା ସ୍ତରୀୟ ନେତୃତ୍ୱ ଓ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଘୁନାଥ ପଣ୍ଡା ଅଧକ୍ଷତା କରିଥିଲେ। ଅତିଥି ଭାବେ ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଏନଏସଏସ ଅଫିସର ଡ. ରମେଶ ଚନ୍ଦ୍ରବେହେରା ଯୋଗଦେଇଥିଲେ। ପ୍ରଶିକ୍ଷଣ ଭାବେ ରାଜ୍ୟ ପ୍ରଶିକ୍ଷକ ନିରଦ ବରଣ ଖୁଣ୍ଟିଆ ଏନଏସଏସ ସଦସ୍ୟା ଓ ସଦସ୍ୟଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବ୍ରହ୍ମପୁର ସିଟି କଲେଜ, ଗୋପାଳପୁର କଲେଜ, ରାମାନାରାୟଣ ଡ଼ିଗ୍ରୀ କଲେଜ ତୁରା, କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର, ନସିଂହ କଲେଜ ଭଳି ୬୮ ଟି ମହାବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଏନଏସଏସ ଅଧିକାରୀମାନେ ତାଲିମ ଗ୍ରହଣ କରିଥିଲେ। ଏହି ଅବସାରେ ସ୍ୱର୍ଗତ ସିଡ଼ିଏସ ମୁଖ୍ୟ ବିପିନ ରାୱତ, ଓଡ଼ିଆ ଅଫିସର ଜେ.ଡ଼ବ୍ଲ୍ୟୁ.ଓ ରାଣାପ୍ରତାପ ଦାସଙ୍କ ସମେତ ଅନ୍ୟ ସମସ୍ତ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏନଏସଏସ ଜିଲା ସଂଯୋଜିକା ପ୍ରଫେସର ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ସିଟି ମହାବିଦ୍ୟାଳୟ ଏନଏସଏସ ଅଧିକାରୀ ସୁଦାମ ଚରଣ ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ସହ ପ୍ରାକ ଗଣତନ୍ତ୍ର ପ୍ୟାରେଡ଼ରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା।

# ଶିଳ୍ପ ତାଲିମ ଅନୁଷ୍ଠାନ ନିର୍ମାଣ ନେଇ ବିଶେଷଜ୍ଞଙ୍କ ଅନୁଧ୍ୟାନ

**ପାତ୍ରପୁର,୧୧।୧୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକରେ ଶିଳ୍ପ ତାଲିମ କେନ୍ଦ୍ର ସ୍ଥାପନ ନେଇ ଶନିବାର ଏକ ଟେକ୍ନିସିଆନ ଟିମ୍ ଅନୁଧ୍ୟାନ କରିଛନ୍ତି। ବ୍ଲକରେ ଶିଳ୍ପ ତାଲିମ ପ୍ରତିଷ୍ଠାନ ସ୍ଥାପନ ନେଇ ଯେଉଁ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି। ଯାହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆସା ସଞ୍ଚାର ହୋଇଛି। ଦୀର୍ଘ ଦିନ ହେଲା ଶିଳ୍ପ ତାଲିମ ଅନୁଷ୍ଠାନ ନିର୍ମାଣ ନେଇ କେଲୁଆ ସ୍ଥିତ ମା' ବନଦୁର୍ଗା ମନ୍ଦିର ପରିସରରେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲେ ମଧ କୋରନା ମହାମାରୀ କାରଣରୁ ଏହା ବିଳମ୍ବ ହୋଇଛି। ଯଦ୍ୱାରା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ଡେପୁଟି ଡାଇରେକ୍ଟରଙ୍କ ସମେତ ଏକ ବିଶେଷଜ୍ଞ ଟିମ ଗ୍ରାମ ଉନ୍ନୟନ ବିଭାଗର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ତ୍ରିଲୋଚନ ସାହୁ, ଏସ୍‌ଡିଓ ଚୈତନ୍ୟ ବେହେରା ଓ କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମଲ ଉପସ୍ଥିତ ଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

**ଆର.ଉଦୟଗିରି, ୧୧।୧୨(ଡି.ଏନ.ଏ.)**

ମୋହନା ବ୍ଲକ ଜୋନ ନମ୍ବର ୯ ପାଇଁ ଶନିବାର ଲିଲିଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଏକ କର୍ମୀ ସମ୍ମିଳନୀ ସହ ପ୍ରାର୍ଥୀ ଚୟନ ପ୍ରକ୍ରିୟା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋହନା ଜୋନର ସମସ୍ତ କର୍ମୀ, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟଙ୍କ ସମେତ ପ୍ରାୟ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ସଭାପତି ସଭାପତିତ୍ୱ କରିଥିବା ବେଳେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ନିର୍ବାଚନମଣ୍ଡଳୀ ସହ-ପର୍ଯ୍ୟବେକ୍ଷକ ଏମ. ଜଗଦୀଶ ରାଓ, ଜିଲା ପରିଷଦ ଉପାଧ୍ୟକ୍ଷ ଆର.ବିଜୟ କୁମାରଙ୍କ ସମେତ ଅନ୍ତର୍ଯ୍ୟାମୀ ଗମାଙ୍ଗ, ହାଡ଼ିଆ କନ୍ଧ, ଦଣ୍ଡାସି ସାହୁ, ରାହୁଲ ଦତ୍ତ, ଫିରୋଜ ପଟ୍ଟନାୟକ, ଲିଙ୍ଗରାଜ ପୂଜାରୀଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହି ବୈଠକରେ ଆଶାୟୀ ପାର୍ଥୀ ନିଜ ନିଜ ପରିଚୟ ପ୍ରଦାନ ସହ ଦରଖାସ୍ତ ପ୍ରଦାନ କରିଥିଲେ। ଜିଲା ସଭାପତି ଉପସ୍ଥିତ କର୍ମୀ ଏବଂ ଯିଏ ବି ଆଶାୟୀ ପାର୍ଥୀ ଦଳୀୟ ଟିକେଟ ପାଆନ୍ତି ସମସ୍ତେ ଏକ ହୋଇ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ସଭାପତି ଶପଥ ପାଠ କରାଇଥିଲେ।

# ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ବିଜୟୀ ଟିମ ସହ ଅତିଥି ଓ କ୍ରୀଡ଼ା ପରିଷଦବୃନ୍ଦ ।

**ବ୍ରହ୍ମପୁର ଅଫିସ,୧୧।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଗତ ୮ ତାରିଖରୁ ୧୦ ପର୍ଯ୍ୟନ୍ତ ଚାଲିଥିବା ୫୧ତମ ଇଣ୍ଟର କଲେଜ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଛି। ପୁରୁଷ ଫାଇନାଲ ମ୍ୟାଚ କୋରାପୁଟ ମହାବିଦ୍ୟାଳୟ ସହ ଇମ୍ପେରିଆଲ ମହାବିଦ୍ୟାଳୟ ଓ ମହିଳା ଫାଇନାଲ ମ୍ୟାଚ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଓ ବାଲିଗୁଡ଼ା ସରକାରୀ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ପୁରୁଷରେ ବ୍ରହ୍ମପୁର ଇମ୍ପେରିଆଲ ମହାବିଦ୍ୟାଳୟ ଓ ମହିଳାରେ ବାଲିଗୁଡ଼ା ସରକାରୀ ମହାବିଦ୍ୟାଳୟ ବିଜୟୀ ହୋଇଛନ୍ତି। ଉଦଯାପନୀ ଅବସରରେ ଡ଼େପୁଟି ରେଜିଷ୍ଟ୍ରାର ଡ଼.ବାପୁଜୀ ସାମଲ ମୁଖ୍ୟ ଅତିଥି ଓ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଡ଼.ସରୋଜ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଜୟୀ ଟିମକୁ ପୁରସ୍କୃତ କରିଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ପୁରୁଷ ବର୍ଗରେ ୨୨ ଓ ମହିଳା ବର୍ଗରେ ୧୫ଟି ମହାବିଦ୍ୟାଳୟର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

# ମାନବାଧିକାର ଦିବସ

**ଆସିକା,୧୧।୧୨(ଡି.ଏନ.ଏ)**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତିଶକ୍ତି ଭବନ ଠାରେ ଶୁକ୍ରବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଥିଲା । ଭବନର ସଂଚାଳିକା ବ୍ରହ୍ମକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଏ. ଯୁଧିଷ୍ଠିର ଦୋରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜଲି ମହାପାତ୍ର ଯୋଗଦେଇ ନିଜର ତଥା ଅନ୍ୟର ଅଧିକାର ପ୍ରତି ସମ୍ବେଦନଶୀଳ ହୋଇପାରିଲେ ଏହି ଦିବସ ପାଳନର ପ୍ରକୃତ ଲକ୍ଷ୍ୟ ପୂରଣ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

### ଭବିଷ୍ୟତ ଗଠନ କର୍ମଶାଳା

**ଭଞ୍ଜନଗର,୧୧।୧୨(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ବାଣିଜ୍ୟ କର ବିଭାଗର ଡ଼େପୁଟି କମିଶନର ଡ଼.ବିଭୂଦତ ଆଚାର୍ଯ୍ୟ ସାଧନବ୍ୟକ୍ତି ଭାବେ ଯୋଗଦେଇ ଯୁକ୍ତ ୩ ସରିବା ପରେ ଛାତ୍ରୀଛାତ୍ରମାନେ କେଉଁଭଳି ଭବିଷ୍ୟତ ଗଠନ କରିବେ ସେନେଇ ପରାମର୍ଶ ଦେଇଥିଲେ। ସ୍ନାତକ ଶିକ୍ଷା ପରେ ଅନେକ ନିଯୁକ୍ତି ସୁଯୋଗ ଅଛି । ନିଯୁକ୍ତି ପରୀକ୍ଷା ସମ୍ମୁଖୀନ ପୂର୍ବରୁ ନିଜକୁ ମାନସିକ ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ଏବଂ ଧୈର୍ଯ୍ୟ ଲୋଡ଼ା ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ଅଧ୍ୟାପକ ହରମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଡ଼.ରବିନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ,ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ସ୍ନାତକ ପରେ କେଉଁ କେଉଁ ରୋଜଗାର ମିଳିପାରିବ ସେନେଇ କହିଥିଲେ ।

### ସ୍ୱଚ୍ଛତା ପକ୍ଷ ପାଳନ

**ଗୋଷାଣୀ,୧୧।୧୨**

ଗୋଷାଣୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୦ ବିଦ୍ୟାଳୟର ପ୍ରବନ୍ଧରେ ୨୧ ଓ ଚିତ୍ରାଙ୍କନରେ ୨୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକରୀ, ବିଆର୍‌ସିସି ଓ ସିଆର୍‌ସିସି ଯୋଗଦେଇଥିଲେ। କୋଭିଡ୍ ନିୟମ ପ୍ରକାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### କର୍ମୀ ସମ୍ମିଳନୀ, ପ୍ରାକ୍ ନିର୍ବାଚନ ବୈଠକ

**ରମ୍ଭା,୧୧।୧୨**

ରମ୍ଭା ବାଇପାସ ଗୁପ୍ତେଶ୍ୱର ମନ୍ଦିର ପରିସରରେ ଶନିବାର ଖଲ୍ଲିକୋଟ ବ୍ଲକର ସର୍ବ ବୃହତ୍ତମ ସାବୁଲିୟା ଗ୍ରାମପଞ୍ଚାୟତରେ ଶଶଧର ବେହେରାଙ୍କ ସଭାପତିତ୍ୱରେ ବ୍ଲକର ସର୍ବପ୍ରଥମ କର୍ମୀ ସମ୍ମିଳନୀ ଓ ପ୍ରାକ୍ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଧାୟିକା ପ୍ରତିନିଧି ଦୈତାରି ବେହେରା, ଖଲ୍ଲିକୋଟ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସାବୁଲିୟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ବେହେରା, ବିଜୁ ଜନତା ଦଳର ସଭାପତି ସୁବାସ ଚନ୍ଦ୍ର ସାହୁ, ଯୁବନେତା ସୂର୍ଯ୍ୟ ବେହେରା, ୧୩ ନଂ ଜୋନର ଜିଲା ପରିଷଦର ସଭାନେତ୍ରୀ ସୁଷମା ଦଳେଇ, ମାନସ ପଟ୍ଟନାୟକ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ମତଭେଦ ଭୁଲି ଏକଜୁଟ ହୋଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଅଣ୍ଟା ଭିଡିଥିଲେ ଗ୍ରାମବାସୀ।

### ଅଭିଭାବକଙ୍କୁ କରୋନା ସଚେତନତା



**ଭଞ୍ଜନଗର,୧୧।୧୨(ଡି.ଏନ.ଏ)**

ଭଞ୍ଜନଗର ଅଞ୍ଚଳର ଶିକ୍ଷାନୁଷ୍ଠାନ ଗୁଡ଼ିକରେ କରୋନା ଯେଭଳି ନ ବ୍ୟାପିବ ସେଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଶନିବାର ବଡ଼କୋଦଣ୍ଡା ଜବାହାର ହାଇସ୍କୁଲ ଏବଂ ଲାଲସିଂ କାହ୍ନୁ ରାଉତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ହୋଇଥିଲା । ଅଭିଭାବକମାନେ ସଚେତନ ହୋଇ ଶିଶୁମାନଙ୍କୁ ସ୍କୁଲ ଛାଡ଼ିବାକୁ ପଡ଼ିବ ବୋଲି ବକ୍ତାମାନେ କହିଥିଲେ। ବୈଠକରେ ବିଦ୍ୟାଳୟର ଉନ୍ନତି ଓ ଅନ୍ୟାନ ବିଷୟରେ ଆଲୋଚନା ହୋଇଥିଲା। ବଡ଼କୋଦଣ୍ଡା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ସିଆରସିସି ମୋହନ ସାହୁ,ଯୋଗଦେଇ ବିଭିନ୍ନ ବିଷୟରେ କହିଥିଲେ। ଲାଲସିଂ ହାଇସ୍କୁଲ ସଭାରେ ପ୍ରଧାନ ଶିକ୍ଷକ ଧ୍ରୁବ ମହାରଣା ଅଧକ୍ଷତା କରିଥିଲେ । ସିଆରସିସି ବୃନ୍ଦାବନ ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଞ୍ଜନଗର,୧୧।୧୨(ଡି.ଏନ.ଏ)**

ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଚଳିତବର୍ଷର ୪ର୍ଥ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବ୍ୟାଙ୍କ ସମ୍ପର୍କିତ ମାମଲା ଫଇସଲା କରାଯାଇ ୧୭ଲକ୍ଷ ୯୪ ହଜାର ୭୬୯ ଟଙ୍କା ଆଦାୟ କରାଯାଇଛି । ସେହିପରି ମୋଟର ଯାନ ଦୁର୍ଘଟଣା ସମ୍ପର୍କିତ ୧୨ଟି ମାମଲା ଫଇସଲା କରାଯାଇ ୫୫ ଲକ୍ଷ ୯୦ ହଜାର ଟଙ୍କା ଆବେଦନକାରୀଙ୍କୁ ଦେବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅନ୍ୟାନ୍ୟ ୨୦ଟି ମାମଲା ଫଇସଲା କରାଯାଇଛି । ଏଡ଼ିଜେ ଡ଼.ଅରୁଣ କୁମାର ସାହୁ, ସବ୍ ଜଜ୍ ବେଦ ପ୍ରକାଶ, ଜେଏମ୍‌ଏଫ୍‌ସି ପ୍ରଜ୍ଞା ରାଉତ ମାମଲାଗୁଡିକ ଫଇସଲା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସଭ୍ୟ ଡ଼.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ,ଆଇନଜୀବୀ ସୋମନାଥ ନାୟକ,ସନ୍ତୋଷ ତିଆଡ଼ି,ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ଉପ ସଭାପତି ରଜତ ଦାସ ପ୍ରମୁଖ ସହଯୋଗ କରିଥିଲେ ।

**ଦିଗପହଣ୍ଡି :** ଦିଗପହଣ୍ଡି କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତକୁ ତାଲୁକ ଆଇନ ସହାୟତା କମିଟି ଅଧକ୍ଷ ତଥା ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ୨୧ ମାମଲାର ଫଇସଲା କରାଯାଇଥିଲା। ଦିଗପହଣ୍ଡି ଏସବିଆଇ ପକ୍ଷରୁ ୬ ଋଣ ମାମଲାର ଫଇସଲା କରାଯାଇ ୭୦,୦୦୦ ଟଙ୍କା ଆଦାୟ କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘର ସଦସ୍ୟମାନଙ୍କ ସହ କୋର୍ଟ କର୍ମଚାରୀ ଭିକାରୀ ବେହେରା, ରଞ୍ଜିତ ବେହେରା, ଅଞ୍ଜଳି ମହାରଣା, ସତ୍ୟ ନାରାୟଣ ପାଢ଼ୀ, କାଳିଆ ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବିକ୍ରମ ବେହେରା ପ୍ରମୁଖ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

**ପାରଳାଖେମୁଣ୍ଡି:** ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବର୍ଷର ଶେଷ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲା ତଥା ଦୌରା ଜଜ୍ ସତ୍ୟପୀର ମିଶ୍ର ଉପସ୍ଥିତ ରହି ବିଭିନ୍ନ କୋର୍ଟ କାର୍ଯ୍ୟ ତଦାରଖ କରିଥିଲେ। ପ୍ରାଧିକରଣ ସଚିବ ରବି ନାରାୟଣ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ହେମନ୍ତ କୁମାର ସେଠୀ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ପଣ୍ଡା, ସବ୍ ଜଜ୍ ଚନ୍ଦ୍ରହାଶ ବେହେରା, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରାଣା, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ବର୍ଷା ଶର୍ମା, ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଓ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରୀ ଅରିଜିତ ଦାଶ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ।

**ଫୁଲବାଣୀ ଅଫିସ:** କନ୍ଧମାଳ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୌଜଦାରୀ ଓ ଦେୱାନୀ, ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ, ପାରିବାରିକ ଓ ବୈବାହିକ ବିବାଦ ସମ୍ବନ୍ଧୀୟ ବିଭିନ୍ନ ମାମଲା ଏହି ଲୋକ ଅଦାଲତରେ ଆଗତ କରାଯାଇଥିଲା। ୪୧ ଅର୍ଥ ଅସୁଲି ମାମଲାରେ ୯ଲକ୍ଷ ୯୮ହଜାର ୬୨୦ଟଙ୍କା, ୩୫ ଫୌଜଦାରୀ ଓ ଦେୱାନୀ ମାମଲା ଫଏସଲା କରାଯାଇ ୨ ଲକ୍ଷ ୭୩ ହଜାର ୩୭୨ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଦୀର୍ଘ ଦିନ ଧରି ବିଚାରାଧିନ ଥିବା ମାମଲା ଗୁଡ଼ିକ ମଧ୍ୟରୁ ୬୨ ମାମଲାର ବିଚାର କରାଯାଇ ମୋଟ ୩୬ ଲକ୍ଷ ୫୭ ହଜାର ୨୬୬ ଟଙ୍କା ଆଦାୟ ହୋଇଥିଲା। ଜିଲା ଦୌରା ଜଜ୍ ସାରଦା ପ୍ରସାଦ ନାୟକ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା, ପାରିବାରିକ ଅଦାଲତ ବିଚାରପତି ସ୍ମୃତିଲେଖା ବାରିକ୍, ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ, ବିଚାରପତି ସନ୍ତୋଷ କୁମାର ନାୟକ ପ୍ରମୁଖ ମାମଲା ଗୁଡିକର ଶୁଣାଣି କରିଥିଲେ।

